# Akashvani, Sambalpur

## SAMBALPURI NEWS BULLETIN

### 29 May 2025- 6.47- 6.52 am.

*********************************************

ରାଜ୍ୟ କେବିନେଟ୍ ବୈଠକ୍                I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍‌ଥି ୫ ଟା ବିଭାଗ୍‌ର ୫ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ସେଥିର୍ ଭିତ୍‌ରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର୍ ଲାଗି ବୟସ ସୀମା ୩୨ ନୁ ୪୨ ବଛର୍‌କେ ବଢ଼ାବାର୍, ଓଡ଼ିଶା ଚକ୍ଷୁ ଚିକିତ୍ସା ସେବାଥି ୩ ଶହ ୪୧ ଟା ପଦ୍‌ବୀ ତିଆର୍ କର୍‌ବାର୍, ସର୍‌କାରୀ କାମ୍‌କାଜ୍ ଲାଗି ଏ.ଆଇ ମିଶନ୍ ଆର୍ ଏ.ଆଇ ସେଲ୍ କାର୍ଯ୍ୟକାରୀ କର୍‌ବାର୍ ବାଗିର୍ ପ୍ରସ୍ତାବ୍ ରହିଛେ ବଲି ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍-ମୁଖ୍ୟ ଶାସନ୍ ସଚିବ)

ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀ ପରିଷଦ୍‌ର ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ P.I.B/ ପୁରୀ ସମ୍ବାଦଦାତା

କେନ୍ଦ୍ର ସରକାରଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ଆଏଜ୍ଠାନୁ ଐତିହ୍ୟ ସହର୍ ପୁରୀନୁ ମୁଲ୍ ହେବା । ପୁରୀ ଜିଲ୍ଲାର୍ ସାକ୍ଷୀଗୋପାଲ୍ ପାଖର୍ ବୀରଗୋବିନ୍ଦପୁର୍ କୃଷି ବିଜ୍ଞାନ୍ କେନ୍ଦ୍ର ଠାନେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କାର୍ଯ୍ୟକ୍ରମ୍କେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଚାଷୀମାନ୍‌କର୍ ସାଙ୍ଗେ ସିଧାସଲଖ୍ କଥାବାର୍ତା ହେଇକରି ଚାଷ୍‌ବାସ୍‌ର ବ୍ୟବହାରିକ୍ ସମସ୍ୟା ସମାଧାନ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନିଆଯିବା ବଲି ଗଲାକାଏଲ୍ ଓଡ଼ିଶା ପୁହୁଁଚିକରି ଶ୍ରୀ ଚୌହାନ୍ କହିଛନ୍ । ଅଭିଯାନ୍ ଆଏବା ୧୨ ତାରିଖ୍ ତକ୍ ଦେଶର୍ ଭିନ୍ ଭିନ୍ ଜାଗା ନ ହେବା ।

ରାଷ୍ଟ୍ରପତି ଭବନ-ସାହିତ୍ୟିକ ସମ୍ମଲନୀ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଭବନ୍ ସାଂସ୍କୃତିକ କେନ୍ଦ୍ର ଠାନେ ଆଏଜ୍ଠାନୁ ୨ ଦିନିଆ ସାହିତ୍ୟିକ ସମ୍ମଲନୀ ମୁଲ୍ ହେବା । କେନ୍ଦ୍ର ସାହିତ୍ୟ ଏକାଡେମୀ ସହଯୋଗ୍‌ଥି ହେବାର୍‌କେ ଥିବା ସମ୍ମିଲନୀକେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ୍ କର୍‌ବେ । ଇଥି ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍‌ଙ୍କର୍

ସହେତେ ଦେଶର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା ସାହିତ୍ୟିକ୍‌ମାନେ ଯୋଗ୍ ଦେବେ ।

ଲକ୍ଷପତି ଦିଦି ସମ୍ମିଲନୀ I&PR

ଦେଶର୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନ୍‌କର୍ ସଫଲତାକେ ସମର୍ଥନ୍ କର୍‌ବାର୍ ସହେତେ ଗାଁ ଇଲାକାର୍ ମହିଳା ଉଦ୍ୟୋଗୀମାନ୍‌କୁ ତହଁକାବାର୍ ଲକ୍ଷ୍ୟଥି ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଲକ୍ଷପତି ଦିଦି ସମ୍ମିଲନୀ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଲକ୍ଷପତି ଦିଦି ମାନ୍‌କୁ ସମ୍ମାନିତ୍ କର୍‌ବେ । ଇଥି ୨୫ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲର୍ ଲକ୍ଷପତି ଦିଦିଙ୍କର୍ ସହେତେ ଅଧିକାରୀ, ଜାତିସଂଘ ପ୍ରତିନିଧି ମାନେ ଯୋଗ୍ ଦେବେ ।

ଖରିଫ୍ ଚାଷ୍ ଲାଗି ରଣନୀତି ତିଆରି I&PR

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଖରିଫ୍ -୨୦୨୫ ଚାଷ୍ ଲାଗି ରଣନୀତି ତିଆର୍ କରାଯାଇଛେ । ସାରା ରାଏଜେ ୫୮ ଦଶ୍‌ମିକ୍ ୫/ଶୂନ୍ ହେକ୍ଟର୍ ଜମିଥି ଖରିଫ୍ ଚାଷ୍ କର୍‌ବାର୍‌କେ ରାଜ୍ୟ

ସର୍କାର୍ ଲକ୍ଷ୍ୟ ରଖିଛନ୍ । ସେଥିର୍‌ଭିତ୍‌ରୁ ୩୫ ଦଶ୍‌ମିକ୍ ୯/୫ ଲାଖ୍ ହେକ୍ଟର୍ ଜମିନ୍‌ଥି ଧାନ୍, ୬ ଦଶ୍‌ମିକ୍ ୧/ଶୂନ୍ ଲାଖ୍ ହେକ୍ଟର୍ ଜମିଥି ଦାଏଲ୍ ଜାତୀୟ ଫସଲ୍, ୨ ଦଶ୍‌ମିକ୍ ୨/୫ ଲାଖ୍ ହେକ୍ଟର୍ ଜମିଥି ତେଲବୀଜ ଫସଲ୍ କର୍‌ବାର୍ ଲାଗି କୃଷି ବିଭାଗ୍ ଯୋଜ୍‌ନା ତିଆର୍ କରିଛେ । ଇଥର ସର୍କାର୍ ଚାଷୀମାନ୍‌କୁ ୪ ଲାଖ୍ କ୍ୱିଂଟାଲ୍ ଭଲ୍ ବିହନ୍ ଯୁଗେଇ ଦେବେ । ସେନ୍ତା ସମୃଦ୍ଧ କୃଷକ୍ ଯୋଜ୍‌ନାଥି ଇନ୍‌ପୁଟ୍ ସାହାଜ୍ ସହେତେ କ୍ୱିଂଟାଲ୍ ପିଛା ୩୧ ଶହ ଟଙ୍କାଥି ଧାନ୍ ଘିନ୍‌ବେ, ଫସଲ୍ ମହଜୁଦ୍ ରଖିବାର୍‌କେ ୫୮ ଟା ଶୀତଲ୍ ଭଣ୍ଡାର୍ ଥାପ୍‌ନା କରିଛନ୍ ବଲି ସର୍କାର୍ ଘୋଷ୍‌ନା କରିଛନ୍ ।

ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ସୁଭଦ୍ରା ସମବେଦନା ଯୋଜ୍‌ନାର୍ ରୂପରେଖର୍ ସମୀକ୍ଷା କର୍‌ବାର୍ ସହେତେ ନିର୍ଭୟା ପାଣ୍ଠିକେ ବେଭାର୍ କରିକରି ମହିଲା ହିଂସା ରୁକ୍‌ବାର୍ ଦିଗେ ଜୋର୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟ ମହିଲା ଆୟୋଗ୍ ୱେବ୍‌ସାଇଟ୍‌ର ଢାଂଚା ତିଆର୍ ଆର୍ ନ୍ୟୁଜ୍ ଲେଟର୍‌କେ ଉପମୁଖ୍ୟମନ୍ତ୍ରୀ ଉନ୍ମୋଚନ୍ କରିଛନ୍ । ସେନ୍ତା ସମନ୍ୱିତ ଶିଶୁ ବିକାଶ୍ ଯୋଜ୍‌ନା ଅଧୀନ୍‌ଥି

ଅଙ୍ଗନବାଡ଼ି କର୍ମୀ ଆଉ ସହାୟିକା ମାନ୍‌କୁ ସ୍ମାର୍ଟ ତାଲିକା ଦେବାର୍ ଉପ୍‌ରେ ଆଲୋଚନା କରିଛନ୍ ।

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ୍ I&PR

ମହିଲା ଶିଶୁ ବିକାଶ୍ ବିଭାଗ୍ ଆଉ ଆଇନା ଏନ୍‌ଜିଓ ତର୍‌ଫୁ ମିଲିତ୍ ଭାବେ ଭୁବ୍‌ନେଶ୍ୱର୍ ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ପ୍ରତିଷ୍ଠାନ୍ ଠାନେ ଆଏଜ୍ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବା ଆଉ ବଡ଼ବଜାର୍ ଶୀତଲେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ ଆଏବା କାଏଲ୍ କମିଟିମାନ୍‌କର୍ ଦେବନିମନ୍ତ୍ରଣ କାର୍ଯ୍ୟକ୍ରମ୍ ରହିଛେ ।

ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଗଲାକାଏଲ୍ ରାତି ସହରର୍ ଦେବାଦେବୀଙ୍କୁ ନିଉତା ଦେବାର୍ ଲାଗି ନରସିଂ ନିଉତା ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ପୁହୁଁଚିବାର୍ ଉତ୍‌ରୁ ଗଲାକାଏଲ୍ ଠାନୁ ଦକ୍ଷିଣ ଓଡ଼ିଶାର୍ କେତେଟା ଜାଗା ନ ଜବର୍ ବର୍ଷା ଲାଗି ରହିଛେ । ପାଗ୍ ଅନୁକୂଲ୍ ଥିବାର୍‌ନୁ ମୌସୁମୀ ବାୟୁ ଠିକ୍ ଭାବେ ଆଗ୍‌କେ ବଢ଼ି ଚାଲିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ସୂଚ୍‌ନା ଦେଇଛେ । ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ଉତର୍ ଦିଗ୍‌କେ ବଢ଼ିକରି ଆଏଜ୍ ଅବପାତ ରୂପ ନେବା । ଇତାର୍‌ବଲେ ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ସବୁ ଇଲାକା ନ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।